ବ୍ରହ୍ମକ୍ଷେତ୍ରରେ ନବ ଯୌବନ ଦର୍ଶନ ଓ ନେତ୍ର ଉତ୍ସବ

॥ ପ୍ରଭାନ୍ୟୁଜ୍ ॥ ନିଷ୍କିନ୍ତକୋଇଲି, ୨।୭ : ନିଷ୍କିନ୍ତକୋଇଲି ବ୍ଲକ ଅଧିନସ୍ଥ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ବଳଦେବଜୀଉଙ୍କ ଅଣସର ଗୃହ ତାଟି ଖୋଲାଯାଇ ନବ ଯୌବନ ଦର୍ଶନ ଓ ନେତ୍ରୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଭୁ ସୁସ୍ଥ ହେବା ପରେ ବିଗ୍ରହ ଗଠନ କାରିଗର କୃଷ୍ଣଚନ୍ଦ୍ରଙ୍କ ଦ୍ୱାରା ଶ୍ରୀଜୀଉଙ୍କର ଚକ୍ଷୁଦାନ କରାଯାଇ ପାରମ୍ପରିକ ପ୍ରତିଷ୍ଠା ପୂଜା ଓ ହୋମ ପୂଜାର୍ଚ୍ଚନା ହୋଇ ଅଣସର ତାଟି ଖୋଲାଯାଇଥିଲା । ପ୍ରଭୁ ନବ ଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇ ଆସନ୍ତା ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଅପେକ୍ଷା କରି ରହିଛନ୍ତି । ଶ୍ରୀ ମନ୍ଦିର, ମାଉସୀ ମା' ମନ୍ଦିର, ଲକ୍ଷ୍ମୀ ମନ୍ଦିର ଓ ରଥ ଉପରେ ନେତ ଓ ନୀଳଚକ୍ର ସ୍ଥାପନ କରିବା ପାଇଁ ଠାକୁରଙ୍କ କୁଳପୁରୋହିତ ବନବିହାରୀ ମିଶ୍ରଙ୍କ ଦ୍ୱାରା ପୂଜା ମଣ୍ଡପରେ ଘୃତଯଜ୍ଞ ଓ ଯଥାବିଧି ପୂଜାର୍ଚ୍ଚନା କରାଯିବା ପରେ ସମସ୍ତ ନେତକୁ ସ୍ଥାପନ କରାଯାଇଥିଲା । ରଥ ନିର୍ମାଣର ମୁଖ୍ୟ କାରିଗର ଧ୍ରୁବଚରଣ ମହାରଣା ଓ ସହକାରୀ ମହେନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଅନ୍ୟାନ୍ୟ କାରିଗର ରଥ ଉପରକୁ ନୀଳଚକ୍ର ଓ ନେତ ଉଠାଇ ସ୍ଥାପନ କରିଥିଲେ । ନବ ଯୌବନ ଦର୍ଶନ ପରେ ଶ୍ରୀ ମନ୍ଦିର ଓ ରଥ ଉପରେ ନେତ ଉଠାଯାଇ ନେତ୍ରୋତ୍ସବ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶ୍ରୀଜୀଉଙ୍କ ମୁଖ୍ୟ ପୂଜକ ହେମନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ସହକାରୀ ପ୍ରିତିରଂଜନ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ଜଗତଜୀବନ ପଣ୍ଡା, ଅନନ୍ତଚରଣ ପଣ୍ଡା, ନିରଞ୍ଜନ ପଣ୍ଡା, ପ୍ରଣୟ କିଶୋର ପଣ୍ଡା, ଧ୍ରୁବଚରଣ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ପ୍ରତ୍ୟୁଷରୁ ପାରମ୍ପରିକ ବିଧି ଅନୁସାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ ।

ଯୋଡା ଶିଶୁ କନ୍ୟାର ଚିକିତ୍ସା ପାଇଁ ୭ ଜଣିଆ କମିଟି ଗଠନ

॥ ପ୍ରଭାନ୍ୟୁଜ୍ ॥ କଟକ, ୨।୭ : ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ପିଡିରି ପଞ୍ଚାୟତ ଅନ୍ତର୍ଗତ ଖାଲପାଳ ଅଞ୍ଚଳର ପ୍ରଦୀପ ବେହେରାଙ୍କ ପତ୍ନୀ ରେଣୁବାଳା ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଜନ୍ମ ଦେଇଥିବା ଦୁଇଟି ଯୋଡା ଶିଶୁ କନ୍ୟାଙ୍କ ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ଶିଶୁଭବନକୁ ଅଣାଯିବା ପରେ ଆଜି ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଅଭିଜ୍ଞ ଡାକ୍ତରଙ୍କୁ ନେଇ ଏକ ୭ ଜଣିଆ କମିଟି ଗଠନ ହୋଇଛି । ଅଧୀକ୍ଷକ ସରୋଜ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ପ୍ରଫେସର ହିରଣ୍ୟ ମହାନ୍ତି ଏହି କମିଟିର ମୁଖ୍ୟ ରହିଥିବା ବେଳେ ସର୍ଜରୀ ପ୍ରଫେସର ଡା. ପିକେ ଜେନା ଶିଶୁ ଦୁଇଟିର ପ୍ରାଥମିକ ଚିକିତ୍ସା କ୍ଷେତ୍ରରେ ରହିଥିବା ତ୍ରୁଟିକୁ ଅନୁଧ୍ୟାନ କରିଥିଲେ । ତେବେ ଏହି ପ୍ରକାର ବିରଳ ଶିଶୁମାନଙ୍କର ଜନ୍ମ ସମୟରେ ଗୋଟିଏ ହୃଦୟ, ଗୋଟିଏ ଲିଭର ରହିବା ସହିତ ଗ୍ରହଣ ଖଣ୍ଡିଆର ଲକ୍ଷଣ ରହିଥାଏ । ହେଲେ ୬ ମାସରୁ ଏକ ବର୍ଷ ମଧ୍ୟରେ ଏମାନଙ୍କର ଅସ୍ତ୍ରୋପଚାର ଜରୁରୀ ଥିବାରୁ ଏବେ ଶିଶୁଦ୍ୱୟଙ୍କୁ ଆଇସିୟୁରେ ଅବକରଭେସନରେ ରଖାଯାଇ ଚିକିତ୍ସା କରାଯାଉଛି ବୋଲି କହିଛନ୍ତି ।

ନଗର କଂଗ୍ରେସ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥି ପାଳିତ

କଟକ, ୨।୭ : ସ୍ଥାନୀୟ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆଜି କଟକ ନଗର କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୧ତମ ପବିତ୍ର ପୁଣ୍ୟତିଥି ପାଳିତ ହୋଇଯାଇଛି । ଏହି ଅବସରରେ ନଗର କଂଗ୍ରେସ ସଭାପତି ତଥା ବାରବାଟୀ କଟକ ବିଧାୟକ ଇଂ. ମହମ୍ମଦ ମୋକିମ ପୁଣ୍ୟାତ୍ମାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଧାୟକ ଶ୍ରୀ ମୋକିମ ଅଧ୍ୟକ୍ଷତା କରି ମାନବସେବା ମାଧବ ସେବାର ବ୍ରତ ନେଇ ଉତ୍କଳମଣିଙ୍କ ତ୍ୟାଗ ଓ ସାଧନା ଆମ ସମସ୍ତଙ୍କୁ ଜନସେବାରେ ସଦାସର୍ବଦା ଦିଗ ଦେଇ ଚାଲିବୁ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗିରିବାଳା ବେହେରା, ଅରୁଣ ସେଠୀ, ସେକ ସମିମ୍‌ଉଲ୍ଲା, ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, ସୁକାନ୍ତ ସାହାଣୀ, ପ୍ରଶାନ୍ତ ଗୋଲାମ, ନିୟାଜ ଖାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ଜିଲ୍ଲାପରିଷଦ ସଭ୍ୟଙ୍କ ବିୟୋଗରେ ଶୋକ

ସାଲେପୁର, ୨।୭ : କଟକ ସଦର ବ୍ଲକ୍‌ର ଗୋବିନ୍ଦ ସାମଲଙ୍କର ଦେହାନ୍ତ ହୋଇଯାଇଛି । ଦୀର୍ଘ ୧ବର୍ଷ ଧରି ସେ କର୍କଟ ରୋଗରେ ଆକ୍ରାନ୍ତହୋଇ ଚିକିତ୍ସାଧିନ ଥିଲେ । ତାଙ୍କର ଅକାଳ ମୃତ୍ୟୁରେ ବିଜୁ ଜନତା ଦଳର ଅପୂରଣୀୟ କ୍ଷତି ଘଟିଛି । ସେ ଜଣେ ସୁସଂଗଠକ ଥିଲେ । ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ ଜିଲ୍ଲାପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଅଶୋକ ଭୂୟାଁ, ଶୁଭାଶିଷ ପ୍ରଧାନ ପ୍ରମୁଖ ତାଙ୍କର ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

ଯୌତୁକ ଜୁଇରେ ଶ୍ରଦ୍ଧାଞ୍ଜଳୀ

ହତ୍ୟା ଅଭିଯୋଗ, ଶାଶୁ, ଶ୍ୱଶୁର ଏବଂ ସ୍ୱାମୀ ଅଟକ

॥ ପ୍ରଭାନ୍ୟୁଜ୍ ॥ ଆଠଗଡ, ୨।୭ : ଏକ ଲକ୍ଷ ଟଙ୍କା ଦେଇ ନପାରିବାରୁ ମୋ' ଝିଅ ଜୁଇରେ ତାକୁ ବାଡେଇ ବାଡେଇ ମାରିଦେଲେ ବୋଲି ଏକ କରୁଣ ଲୁହଭାରା କଣ୍ଠରେ ପ୍ରକାଶ କରିଛନ୍ତି ଝିଅ ଶ୍ରଦ୍ଧାଞ୍ଜଳୀର ବାପା ପଞ୍ଚାନନ ସାହୁ । ଅନ୍ୟପକ୍ଷରେ ଶ୍ରଦ୍ଧାଞ୍ଜଳୀର ଶବକୁ ଆଠଗଡ ପୁଲିସ ଜବତ କରିବା ସହିତ ହତ୍ୟା ଅଭିଯୋଗରେ ଶାଶୁ ଶ୍ୱଶୁର ଏବଂ ସ୍ୱାମୀକୁ ଗିରଫ କରି ତଦନ୍ତ ଚାଲିଥିବାର ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଖବର ନେବାରେ ଜଣାଯାଏ ଗତ ୪ ବର୍ଷ ତଳେ ବାଙ୍କି ଫୁଲବାଡି ଗ୍ରାମର ପଞ୍ଚାନନ ସାହୁଙ୍କୁ ଏକମାତ୍ର ଝିଅ ଶ୍ରଦ୍ଧାଞ୍ଜଳୀ ଆଠଗଡ ଦୋରଡ ପଞ୍ଚାୟତ ଚୁନପଦା ଗ୍ରାମର ଦାଶରଥି ଜେନାଙ୍କ ସାନପୁଅ ସୁଭାଶିଷ (ରିଙ୍କୁ)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ଶ୍ରୀ ସାହୁଙ୍କ ଅଭିଯୋଗ କ୍ରମେ ବିବାହ ସମୟରେ ବର ପକ୍ଷରୁ ଦାବି କରାଯାଇଥିବା ୩ ଲକ୍ଷ ଟଙ୍କା ବାବଦକୁ ବିବାହ ସମୟରେ ୨ ଲକ୍ଷ ନଗଦ ଟଙ୍କା ସମେତ ସମସ୍ତ ଘରକରଣା ଓ ୧୦୦ ଗ୍ରାମର ସୁନା ଅଳଙ୍କାର ଦେଇଥିଲେ । ଝିଅର ସ୍ୱାମୀ ରିଙ୍କୁ ଜେନା ସୈନ୍ୟ ବିଭାଗରରେ କାର୍ଯ୍ୟରତ ଥିବାରୁ ସେ ପ୍ରାୟତ ବାହାରେ ରୁହନ୍ତି । ରିଙ୍କୁ ବାହର ରାଜ୍ୟରେ ରହିବାର ସୁଯୋଗ ନେଇ ତାଙ୍କ ପରିବାର ପକ୍ଷରୁ ବାକି ରହିଥିବା ଲକ୍ଷେ ଟଙ୍କା ପାଇଁ ଶ୍ରଦ୍ଧାଞ୍ଜଳୀ ବହୁ କଟୁକଥା କହିବା ସହିତ ଶାରୀରିକ ଏବଂ ମାନସିକସ୍ତରରେ ବହୁ ନିର୍ଯାତନା ଦେଉଥିଲେ । ଶ୍ରଦ୍ଧାଞ୍ଜଳୀ ରିଙ୍କୁ ନଥିବା ସମୟରେ ପ୍ରାୟତଃ ବାପଘରେ ରହନ୍ତି । ଗତ ଜୁନ୍ ୨୭ରେ ରିଙ୍କୁ ଜେନା ସୈନ୍ୟ ବିଭାଗରୁ ଛୁଟିରେ ଘରକୁ ଆସିବାର ଜାଣି ୨୫ ତାରିଖରେ ଶ୍ରଦ୍ଧାଞ୍ଜଳୀକୁ ଶାଶୁ ଘରେ ଛାଡିବା ସହିତ ଲକ୍ଷେ ଟଙ୍କାକୁ ଯଥାଶୀଘ୍ର ଦେବାର ପ୍ରତିଶ୍ରୁତି ଦେବା ସହିତ ଶାଶୁଘରେ ମାନି ଚଳିବାକୁ କହି ଝିଅକୁ ବୁଝାଇ କହିଦେଇ ଆସିଥିଲେ । ମାତ୍ର ହଠାତ୍ ଆଜି ଝିଅର ଶାଶୁଙ୍କଠାରୁ ଫୋନ ମାଧ୍ୟମରେ ଝିଅ ଦେହ ଖରାପ ଅଛି ତାକୁ ଡାକ୍ତରଖାନାକୁ ଆଣିଥିବାର ଖବର ପାଇ ଡାକ୍ତରଖାନାକୁ ଆସିବାରେ ଝିଅ ମରିପଡିଥିବାର ଦେଖି ଥାନାରେ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ଶ୍ରଦ୍ଧାଞ୍ଜଳୀ ନିଜ ବେକରେ ଦୌଡି ଲଗାଇ ଆତ୍ମହତ୍ୟା କରିଥିବାର ଶ୍ୱଶୁର ଘର ପକ୍ଷରୁ କୁହାଯାଉଛି । କିନ୍ତୁ ଝିଅର ସ୍ୱାମୀ ରିଙ୍କୁଙ୍କୁ ପଚାରିବାରେ ସେମାନେ ଗତକାଲି ରାତିରେ ଏକାଠି ଶୋଇଥିଲେ ଏବଂ କାହିଁକି କେତେବେଳେ ଶ୍ରଦ୍ଧାଞ୍ଜଳୀ ରଶି ଲଗାଇଲା ସେ ଜାଣି ନଥିବା ପ୍ରକାଶ କରିଛନ୍ତି । ଯୌତୁକ ଜନିତ ହତ୍ୟାକାଣ୍ଡରେ ଏକ ମାମଲା କେଶ ସଂଖ୍ୟା ୧୫୧/୨୦୧୯ ରୁଜୁ କରି ଆଠଗଡ ପୁଲିସ ତଦନ୍ତ ଚଳାଇଛି । ଖୁବ୍ ଶୀଘ୍ର ପକୃତ ତଥ୍ୟ ପଦାକୁ ଆସିବ ବୋଲି ଥାନାଧିକାରୀ ପଦାରବିନ୍ଦ ତ୍ରିପାଠୀ ପ୍ରକାଶ କରିଛନ୍ତି ।

ବରୀ ବିଧାୟିକାଙ୍କ ବିରୁଦ୍ଧରେ ହାଇକୋର୍ଟରେ ମାମଲା

॥ ପ୍ରଭାନ୍ୟୁଜ୍ ॥ କଟକ, ୨।୭ : ଯାଜପୁର ଜିଲା ବରି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡ଼ିରୁ ପ୍ରାର୍ଥୀ ହୋଇ ଜିତିଥିବା ବିଧାୟିକା ସୁନନ୍ଦା ଦାସଙ୍କ ବିରୁଦ୍ଧରେ ଓଡ଼ିଶା ହାଇକୋର୍ଟରେ ଆଜି ଏକ ମାମଲା ରୁଜୁ ହୋଇଛି । ଏହି ନିର୍ବାଚନ ମଣ୍ଡଳିରୁ ବିଜେପିର ପରାଜିତ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଏହି ମାମଲା ରୁଜୁ କରିଛନ୍ତି । ଅଭିଯୋଗକାରୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ବିଧାୟିକା ନିର୍ବାଚନ ପୂର୍ବରୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ସେଥିରେ ସେ କିଛି ତଥ୍ୟ ଲୁଚାଇଛନ୍ତି । ବିଧାୟୀକାଙ୍କ ବିରୋଧରେ ଥିବା କ୍ରିମିନାଲ ମାମଲା ସେ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିନାହାଁନ୍ତି । ଏଣୁ ତାଙ୍କ ବିଧାୟିକା ପଦବୀକୁ ରଦ୍ଦ କରିବା ପାଇଁ ଆବେଦନକାରୀ ତାଙ୍କ ଆବେଦନରେ ମାନ୍ୟବର ହାଇକୋର୍ଟରେ ପ୍ରାର୍ଥନା କରିଛନ୍ତି । ଅଭିଯୋଗକାରୀ ଶ୍ରୀ ମଲ୍ଲିକ ଉଲ୍ଲେଖ କରିଛନ୍ତି ଯେ ଚଳିତ ନିର୍ବାଚନରେ ବିଜୟୀ ବିଜେଡ଼ି ପ୍ରାର୍ଥିନୀ ତାଙ୍କ ସତ୍ୟପାଠରେ ତାଙ୍କ ବିରୋଧରେ ଥିବା ଫୌଜଦାରୀ ମାମଲା ଉଲ୍ଲେଖ କରିନାହାଁନ୍ତି । ଯାହା ନିର୍ବାଚନୀ ନିୟମ ଉଲ୍ଲଂଘନ କରିଛି ବୋଲି ଆବେଦନକାରୀ ତାଙ୍କ ଆବେଦନରେ ଉଲ୍ଲେଖ କରିବା ସହ ମାନ୍ୟବର ଅଦାଲତ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେବାକୁ ତାଙ୍କ ପ୍ରାର୍ଥନାରେ ଉଲ୍ଲେଖ କରିଛନ୍ତି । ଏହି ମାମଲାରେ ଆବେଦନକାରୀ ରାଜ୍ୟ ନିର୍ବାଚନ କମିଶନ, ଯାଜପୁର ଜିଲ୍ଲାପାଳ, ବିଜେଡ଼ି ବିଧାୟିକ ସୁନନ୍ଦା ଦାସଙ୍କୁ ପକ୍ଷଭୁକ୍ତ କରିଛନ୍ତି ।

ପୁଣି ଟ୍ରକ୍ ପଛରେ ପିଟିଲା ବୋଲେରୋ, ୬ ଆହତ

॥ ପ୍ରଭାନ୍ୟୁଜ୍ ॥ ଟାଙ୍ଗୀ-ଚୌଦ୍ୱାର, ୨।୭ : ୧୬ ନମ୍ବର ଜାତୀୟ ରାଜପଥର ମଙ୍ଗୁଳିଠାରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ମରଣଯନ୍ତ୍ରା ପାଲଟିଛି । ପ୍ରତ୍ୟକଦିନ ଦୁର୍ଘଟଣାରେ ଜୀବନହାନି ହେଉଛି । ସେଥିମଧ୍ୟରୁ ଅଧିକାଂଶ ଦୁର୍ଘଟଣା ହେଉଛି ରାସ୍ତା କଡରେ ବେଆଇନ୍ ପାର୍କିଂ କରୁଥିବା ଟ୍ରକ ପାଇଁ । ଗତକାଲି ଭୋରରୁ ଏକ କାର ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ଅନ୍ୟ ୩ ଜଣ ଜୀବନ ସହିତ ସଂଗ୍ରାମ କରୁଛନ୍ତି । ସେହିଦିନ ରାତି ୧୦ ସମୟରେ ଝାରସୁଗୁଡା ବେଲପାହାଡ ଅଞ୍ଚଳରୁ ଯାଜପୁରର ଶ୍ରୀଧରପୁରକୁ ଗୋଟିଏ ପରିବାର ୬ ଜଣ ଗୋଟିଏ ବୋଲେରୋରେ ଯାଉଥିବା ସମୟରେ ତରତଗଡା ନିକଟରେ ଗୋଟିଏ ଟ୍ରକ ପଛରେ ପିଟିଦେବାରୁ ସେହି ଗାଡିରେ ଥିବା ଚାଳକ କାଳନ୍ଦି ପଣ୍ଡା (୩୦), ଗଦାଧର ସାହୁ (୫୬), ରେଣୁବାଳା ସାହୁ (୪୦), ଅଞ୍ଜନା ସାହୁ (୩୦), ଦେବେନ୍ଦ୍ର ସାହୁ ଓ ଲକ୍ଷ୍ମୀପ୍ରିୟା ସାହୁ (୫୦) ଗୁରୁତର ଭାବେ ଆହତ ହୋଇଥିବାର ଜଣାପଡିଛି । ଘଟଣାସ୍ଥଳରେ ଟାଙ୍ଗି ପୁଲିସ ପହଞ୍ଚି ଆମ୍ବୁଲାନ୍ସରେ ସେମାନଙ୍କୁ ଚିକିତ୍ସା ପାଇଁ କଟକ ମେଡିକାଲ ପଠାଇଥିଲା ।

ଗୋପଦ ଅଭିଯାନରେ ଅତିରିକ୍ତ ଜିଲ୍ଲାପାଳ ଓ ସିଏମ୍‌ସି କମିଶନରଙ୍କ ପରିଦର୍ଶନ

॥ ପ୍ରଭାନ୍ୟୁଜ୍ ॥ କଟକ, ୨।୭ : ଗୋପଦ ଅଭିଯାନରେ ଆଜି ସକାଳେ ସିଏମସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀକାନ୍ତ ତରାଇଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ମହାନଦୀ ବିହାର ଡିଏଭି ପବ୍ଲିକ ସ୍କୁଲଠାରୁ ବାହାରି ୱାର୍ଡ ନମ୍ବର ୪୩ ଓ ୪୭ ଅଞ୍ଚଳ ପରିଦର୍ଶନ କରି ସେସବୁ ସ୍ଥାନରେ ଲୋକମାନଙ୍କର ବିଭିନ୍ନ ସମସ୍ୟା ବୁଝିବା ସହିତ ସେଠାରେ ଜାଇକା କାର୍ଯ୍ୟସ୍ଥଳରେ ଜମିରହିଥିବା ପାଣି ନିଷ୍କାସନ, ନାଳ ନର୍ଦ୍ଦମାଗୁଡିକର ସଫାଇ କାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ସାରିବା ପାଇଁ ଜାଇକା କର୍ତ୍ତୃପକ୍ଷ ଓ ସିଏମସି ଅଧିକାରୀଙ୍କୁ କମିଶନର କହିଥିଲେ । ଏଥି ସହିତ ଡା. ଜେପି ଦାସଙ୍କ ଘର ପାଖରେ ଡ୍ରେନ ସମସ୍ୟା ଯୋଗୁ ପାଣି ଜମିରହୁଥିବାରୁ ଏହାର ସଫାଇ ଓ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଉଥିବା କହିଥିଲେ । ଅନ୍ୟପକ୍ଷରେ ଭୁବନପୁର, ଜଗତପୁର ବିଶ୍ୱାଳ ସାହି ଅଞ୍ଚଳକୁ ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ ପରିଦର୍ଶନ କରି ସେଠାରେ ଲୋକମାନଙ୍କ ଅଭିଯୋଗ ଶୁଣିବା ସହିତ ପରିମଳ ଓ ରାସ୍ତାରେ ପାଣି ଜମିରହୁଥିବା ସମ୍ବନ୍ଧରେ ଜାଣିବାକୁ ପାଇଥିଲେ । ସେଠାରେ ଡ୍ରେନଜ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଖଣ୍ଡାୟତରାୟ ସିଏମସି ନିର୍ବାହୀ ଯନ୍ତ୍ରୀଙ୍କୁ କହିଥିଲେ । ଏଥି ସହିତ ପରିମଳ ସମସ୍ୟାକୁ ସାନିଟାରୀ ଇନସପେକ୍ଟରଙ୍କ ଉପସ୍ଥିତିରେ ଦୂର କରିଥିଲେ ଏବଂ ଯଥାଶୀଘ୍ର ଜେସିବି ମାଧ୍ୟମରେ ଡ୍ରେନ ଖୋଳି ସଫା କରିବା ପାଇଁ ସିଏମସି ସିଟି ଇଞ୍ଜିନିୟରଙ୍କ ଉପସ୍ଥିତିରେ କହିଥିଲେ । ଏହି ଅଭିଯାନରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଯୁବକ ଠାରୁ ଲୁଟିନେଲା ସୁନା ଚେନ୍

॥ ପ୍ରଭାନ୍ୟୁଜ୍ ॥ ଟାଙ୍ଗୀ-ଚୌଦ୍ୱାର, ୨।୭ : ଚୌଦ୍ୱାର ଥାନା ଅନ୍ତର୍ଗତ ଓଟିଏମ୍ ବଜାରସ୍ଥିତ ମାଛ ବଜାର ନିକଟରୁ ଜନୈକ ଯୁବକ ବେକରୁ ସୁନା ଚେନ୍ ଛିନତାଇ ହେବାର ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ସ୍ଥାନୀୟ ଲେବର ଟର୍ଣ୍ଣେମେଣ୍ଟ ଅଞ୍ଚଳର ସଞ୍ଜୟ ରାଉତ ନାମକ ଯୁବକ ସନ୍ଧ୍ୟା ୬ ସମୟରେ ନିଜର ବାଇକରେ ଗାନ୍ଧିଛକ ସ୍ଥିତ ଦୋକାନକୁ ଆସୁଥିବା ସମୟରେ ହଠାତ ଜଣେ ଦୁର୍ବୃତ୍ତ ଏକ ବାଇକରେ ଆସି ରାଉତଙ୍କ ବେକରୁ ଦେଢ ଭରି ଓଜନର ସୁନା ଚେନ୍‌କୁ ଛିଣ୍ଡାଇ ନେଇଥିଲା । ଯୁବକଟି ଚିତ୍କାର କରିବାସହ ତାକୁ ଗୋଡାଇବାରୁ ଦୁର୍ବୃତ୍ତ ଜଣକ ଜୋରରେ ବାଇକ ଚଳାଇ ବିରୂପା ଆଡକୁ ପଳାଇଥିଲା ।ଏହି ଘଟଣାରେ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ ହେବାରୁ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

୨୦ ବର୍ଷରୁ ଅଧିକ ରହିଥିବା କର୍ମଚାରୀଙ୍କ ବଦଳି ଓ ଚତୁର୍ଥ ଶନିବାର ଛୁଟି ବାତିଲ ଦାବିରେ ରାଜ୍ୟପାଳଙ୍କୁ ପତ୍ର

॥ ପ୍ରଭାନ୍ୟୁଜ୍ ॥ କଟକ, ୨।୭ : ମାସର ଚତୁର୍ଥ ଶନିବାର ଛୁଟି ଘୋଷଣା ବାତିଲ କରାଯିବା ସହ ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ଆସ୍ଥାନ ଜମାଇଥିବା ସରକାରୀ କର୍ମଚାରୀଙ୍କୁ ବଦଳି କରିବା ଦାବିରେ ଆଜି ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପରିଷଦ ସଭାପତି ତଥା ସାମଜିକ କର୍ମୀ ସୁକାନ୍ତ ସେଠୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ରାଜ୍ୟସରକାର ନିର୍ବାଚନ ଜିତିବାର ୧ମାସ ମଧ୍ୟରେ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରତିମାସର ୪ର୍ଥ ଶନିବାର ଛୁଟି ଘୋଷଣା କରିବା ଦୁର୍ଭାଗ୍ୟଜନକ । ସରକାରଙ୍କ ଏଭଳି ନିଷ୍ପତ୍ତି ଜନବିରୋଧୀ ହୋଇଥିବାବେଳେ ଏହାକୁ ପରିବର୍ତ୍ତନ କରାଯିବା ଉଚିତ ବୋଲି ପରିଷଦ ପକ୍ଷରୁ ଦାବି ହୋଇଛି । ଏଥି ସହିତ ୨୦ବର୍ଷ ଧରି ଗୋଟିଏ ସ୍ଥାନରେ ଅବସ୍ଥାନ ତୁରନ୍ତ ବଦଳି କରିବାକୁ ଦାବି ହେଇଛି । ତେଣୁ ସରକାର ଏଥି ପ୍ରତି ପୁନଃ ବିଚାର କରିବା ଉପରେ ରାଜ୍ୟପାଳ ହସ୍ତକ୍ଷେପ କରିବାକୁ ଦାବି କରାଯାଇଛି । ଆଜି ପରିଷଦ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ଦେବା ଅବସରରେ ପରିଷଦ ସଭାପତି ଶ୍ରୀ ସେଠୀଙ୍କ ସମେତ ଆଇନଜୀବୀ ବିଭୁତି ଭୂଷଣ ବେହେରା, ଶିବଚରଣ ଦାସ, ଆଇନଜୀବୀ ଶିବପ୍ରସାଦ ବାରିକ, ବିଶ୍ୱାନଥ ଦାସ, ସୌମେନ୍ଦ୍ର ସେଠୀ, କାଶୀନାଥ ରାଉତ, ଗମନ ସାମଲ, ଶଙ୍କର୍ଷଣ ସାମଲ, ନାରାୟଣ ବଳ ପ୍ରମୁଖ ଉପସ୍ଥିତଥିଲେ ।

ODISHA JOINT ENTRANCE EXAMINATION-2019 (OJEE - 2019)

No: 305/OJEE19 **Date: 02.07.2019**

NOTICE REGARDING WEB COUNSELLING FOR MBA/MCA/LE-MCA/MTECH/MPHARM/MARCH/MPLAN.

OJEE web-based Counselling process for MBA/MCA/LE-MCA/MTECH/MARCH/MPLAN and MPHARM is going on from 1st July 2019. For detail schedule, seat position and counselling